# NATIONAL NEWS BULLETIN (ODIA)

**30 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଭାରତକୁ ୫ ଦିନିଆ ଗସ୍ତରେ ଆସି ବିହାରର ବୋଧଗୟାରେ ପହଞ୍ଚିଲେ ମ୍ୟାଁମାର ରାଷ୍ଟ୍ରପତି

–ଆସନ୍ତାକାଲି ନୂଆଦିଲ୍ଲୀରେ ଭାରତ-ମ୍ୟାଁମାର ବାଣିଜ୍ୟିକ ବୈଠକରେ କରିବେ ଅଂଶ ଗ୍ରହଣ

- କର୍ଣ୍ଣାଟକରେ ନୂତନ ମୁଖ୍ୟମନ୍ତ୍ରୀ ଚୟନ ନେଇ  ଆଜି ଅପରାହ୍ନରେ ବେଙ୍ଗାଲୁରୁଠାରେ ବସିବ କଂଗ୍ରେସ ବିଧାୟକ ଦଳ ବୈଠକ

- ଓଡ଼ିଶାରେ ଆଜିଠାରୁ ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା

ଏବଂ

- ଭାରତ-ଇଂଲଣ୍ଡ ମଧ୍ୟରେ ୩ଟିକିଆ ମହିଳା ଟି-୨୦ କ୍ରିକେଟ୍ ସିରିଜ୍‌ର  ବ୍ରିଷ୍ଟୋଲ୍‌ଠାରେ ଆଜି ଖେଳାଯିବ ଦ୍ୱିତୀୟ ମ୍ୟାଚ୍

---

## ପିଏମ-ମନ୍ କୀ ବାତ୍

**ପ୍ର**ଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେବ ମନ୍ କୀ ବାତ୍‌ର ୧୩୪ତମ ସଂସ୍କରଣ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

---

## ମିଆଁମାର ପ୍ରେଜ୍ ଭିଜିଟ୍

ମ୍ୟାଁମାର ରାଷ୍ଟ୍ରପତି ଉ ମିନ୍ ଆଉଁ ଲାଇନ୍ ୫ ଦିନିଆ ଭାରତ ଗସ୍ତରେ ଆସି ବିହାରର ବୋଧଗୟାରେ ପହଞ୍ଚିଛନ୍ତି । ବିମାନ ବନ୍ଦରଠାରେ ରାଜ୍ୟପାଳ ସୟଦ ଅତା ହସନେନ୍ ଏବଂ ରାଜ୍ୟ କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା ତାଙ୍କୁ ସ୍ୱାଗତ କରିଥିଲେ। ମ୍ୟାଁମାର ରାଷ୍ଟ୍ରପତିଙ୍କ ସହ କ୍ୟାବିନେଟ୍ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବ୍ୟାବସାୟୀକ ନେତୃତ୍ୱଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଆସିଛନ୍ତି । ରାଷ୍ଟ୍ରପତି ଭାବରେ ଲାଇନ୍‌ଙ୍କ ଏହା ହେଉଛି ପ୍ରଥମ ଭାରତ ଗସ୍ତ । ଏହି ଅବସରରେ ମ୍ୟାଁମାର ରାଷ୍ଟ୍ରପତି ମହାବୋଧି ମନ୍ଦିର ଏବଂ ସୁଜାତା ମନ୍ଦିରରେ ପୂଜାର୍ଚ୍ଚନା କରିଥିବା ଜଣାପଡ଼ିଛି ।

ପରେ ମ୍ୟାଁମାର ରାଷ୍ଟ୍ରପତି ନୂଆଦିଲ୍ଲୀରେ ପହଞ୍ଚିବା ପରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ

ରହିଛି । ଆସନ୍ତାକାଲି ହେବାକୁଥିବା ମ୍ୟାଁମାର-ଭାରତ ବାଣିଜ୍ୟିକ ବୈଠକରେ ସେ ଯୋଗଦେବେ । ସୋମବାର ଦିନ ମ୍ୟାଁମାର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଦ୍ୱିପାକ୍ଷିକ ଐତିହାସିକ ଓ ସାଂସ୍କୃତିକ ସହଭାଗିତାକୁ ସୁଦୃଢ଼ କରିବା ନେଇ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

---

## ଭିପି-ଗୋଆ ଷ୍ଟେଟ୍ ହୁଡ୍ ଡେ

ଗୋଆ ଆଜି ତା'ର ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୬୧ ମସିହାରେ ପର୍ତ୍ତୁଗୀଜ ଶାସନରୁ ମୁକ୍ତ ହେବା ପରେ ଗୋଆ' ଦାମନ ଓ ଡିଉ ସହିତ ଏକ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ପରିଗଣିତ ହେଉଥିଲା । ୧୯୬୭ ମସିହାରେ ଐତିହାସିକ ମତଦାନ ମାଧ୍ୟମରେ ଗୋଆବାସୀ ସ୍ୱତନ୍ତ୍ର ଗୋଆ ଗଠନ ନେଇ ମତ ପ୍ରକାଶ କରିଥିଲେ । ୧୯୮୭ ମସିହାରେ କୋଙ୍କଣୀ ଭାଷାକୁ ସରକାରୀ ଭାବେ ମାନ୍ୟତା ମିଳିବା ପରେ ଗୋଆର ସ୍ୱତନ୍ତ୍ର ପରିଚୟ ପାଇଁ ପଥ ଉନ୍ମୁକ୍ତ ହୋଇଥିଲା । ସେହିବର୍ଷ ମଇ ମାସ ୩୦ ତାରିଖରେ ଗୋଆକୁ ଭାରତର ୨୫ତମ ରାଜ୍ୟ ଭାବେ ସମ୍ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା । ପଣଜୀ କଳା ଏକାଡେମୀଠାରେ ଆଜି ଗୋଆ ରାଜ୍ୟ ଦିବସ ଉତ୍ସବରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଯୋଗଦେଇଛନ୍ତି । ଉପରାଷ୍ଟ୍ରପତି କହିଛନ୍ତି, ଆଧୁନିକ ବିକାଶକୁ ଆପଣେଇବା ସହ ଗୋଆ ନିଜର ସାଂସ୍କୃତିକ ମୂଳଦୁଆକୁ ସଫଳତାର ସହ ସଂରକ୍ଷିତ କରି ରଖିପାରିଛି । ସାଂସ୍କୃତିକ ଆଦାନ ପ୍ରଦାନ, ସାମାଜିକ ସମନ୍ୱୟ ଏବଂ ବୌଦ୍ଧିକ ଆତ୍ମୀୟତାର ଗୋଆ ଏକ ଉଜ୍ଜ୍ୱଳ ସଭ୍ୟତା ବୋଲି ଉପରାଷ୍ଟ୍ରପତି ବର୍ଣ୍ଣନା କରିଛନ୍ତି ।

ଏହି ଅବସରରେ ପ୍ରସିଦ୍ଧ କାର୍ଟୁନିଷ୍ଟ୍ ମାରିଓ  ମିରାଣ୍ଡାଙ୍କ ଉପରେ ଏକ ସ୍ୱତନ୍ତ୍ର ଡାକଟିକଟ ଏବଂ ଏକ କଫି ଟେବୁଲ୍ ପୁସ୍ତକ ଉନ୍ମୋଚନ  କରିଛନ୍ତି। ଉପରାଷ୍ଟ୍ରପତି ଏହି ଅବସରରେ ଗୋଆର ସିଏସ୍ଆଇଆର୍ -ଜାତୀୟ ସମୁଦ୍ର ବିଜ୍ଞାନ ପ୍ରତିଷ୍ଠାନ ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି ।

ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୋଆବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଆତିଥେୟତା ସହ ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍ ଏବଂ ନିରନ୍ତର ବିକାଶର ରାଜ୍ୟ ଭାବେ ଗୋଆ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ।

ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ରାଜ୍ୟର ପ୍ରଗତି ଏବଂ ପରିଚୟ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିବା ବରପୁତ୍ରଙ୍କୁ ଆଜି ସ୍ମରଣ କରିବାର ଦିବସ ।

## ହିନ୍ଦୀ ସାମ୍ବାଦିକତା ଦିବସ

ହିନ୍ଦୀ ଭାଷାରେ ପ୍ରକାଶିତ ପ୍ରଥମ ସମ୍ବାଦପତ୍ର ଉଦନ୍ତ-ମାର୍ତ୍ତଣ୍ଡ ସ୍ମୃତିରେ ପ୍ରତବର୍ଷ ଆଜିର ଦିନକୁ ଦେଶରେ ହିନ୍ଦୀ ସାମ୍ବାଦିକତା ଦିବସ ରୂପେ ପାଳନ କରାଯାଉଛି। ୧୮୨୬ ମସିହା ମଇ ମାସ ୩୦ ତାରିଖରେ ଉଦନ୍ତ-ମାର୍ତ୍ତଣ୍ଡ ପ୍ରକାଶ ପାଇଥିଲା। ପଣ୍ଡିତ ଯୁଗଳ କିଶୋର ଶୁକ୍ଳ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବେ ଏହାର ପ୍ରକାଶନ ଆରମ୍ଭ କରିଥିଲେ । ଇଂରେଜ ଶାସନ ସମୟରେ ଏହି ସମ୍ବାଦପତ୍ର ଲୋକମାନଙ୍କର ସ୍ୱର ଉତ୍ତୋଳନ କରିବାର ଏକ ମାଧ୍ୟମ ଥିଲା।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହି ଦିବସ ପାଳନ ଅବସରରେ ହିନ୍ଦୀ ଭାଷା ପ୍ରତି ସମର୍ପିତ ସାମ୍ବାଦିକ, ଲେଖକ ଏବଂ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବିର୍ଲା କହିଛନ୍ତି, ସାମାଜିକ ଚେତନା ଜାଗ୍ରତ କରିବା, ଗଣତନ୍ତ୍ରକୁ ସଶକ୍ତ ଏବଂ ଲୋକଙ୍କ ଭାବନାକୁ ପ୍ରତିଫଳିତ କରିବାରେ ହିନ୍ଦୀ ସାମ୍ବାଦିକତା ଏକ ଶକ୍ତିଶାଳୀ ମାଧ୍ୟମ ଭାବେ କାର୍ଯ୍ୟ କରୁଛି । ଜନସଚେତନତା, ସାମାଜିକ ପରିବର୍ତ୍ତନ ଏବଂ ଜାତୀୟ ଏକତାକୁ ସୁଦୃଢ଼ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

---

## କର୍ଣ୍ଣାଟକ-ଲେଜିସ୍‌ଲେଟିଭ୍ ପାର୍ଟି ମିଟିଂ

କର୍ଣ୍ଣାଟକ କଂଗ୍ରେସ ବିଧାୟକ ଦଳ ବୈଠକ ଆଜି ଅପରାହ୍ନ ୪ଟାରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହେବ । ବିଦାୟୀ ମୁଖ୍ୟମନ୍ତ୍ରୀ  ସିଦ୍ଧରମୈୟାଙ୍କ ଉତ୍ତରାଧିକାରୀ ଚୟନ ନେଇ ଏହି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ରାଜ୍ୟପାଳ ଥାୱରଚନ୍ଦ ଗେହଲଟ ସିଦ୍ଧରମୈୟାଙ୍କ ଇସ୍ତଫାପତ୍ର ଗ୍ରହଣ କରିସାରିଛନ୍ତି। ତେବେ ନୂତନ ନେତା ଚୟନ ହେବା ପର୍ଯ୍ୟନ୍ତ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ରାଜ୍ୟପାଳ ଅନୁରୋଧ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଡି.କେ ଶିବ କୁମାର କଂଗ୍ରେସ ବିଧାୟକ ଦଳର ନେତା ହେବାର ସମ୍ଭାବନା ରହିଛି । ଦଳର ୧୩୬ ଜଣ ବିଧାୟକଙ୍କୁ ବୈଠକରେ ଯୋଗଦେବାକୁ କୁହାଯାଇଛି । ଏଆଇସିସି ସାଧାରଣ ସମ୍ପାଦକ ଏବଂ

କର୍ଣ୍ଣାଟକ ପ୍ରଭାରୀ ରଣଦୀପ ସିଂ ସୂର୍ଯ୍ୟେୱାଲା ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ ।

---

## ଓଡ଼ିଶା-ଏସ୍ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆଜିଠାରୁ ଓଡ଼ିଶାରେ ଆରମ୍ଭ ହୋଇଛି । ଆସନ୍ତାମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରକ୍ରିୟାରେ ରାଜ୍ୟର ୩ କୋଟି ୩୩ ଲକ୍ଷରୁ ଅଧିକ ଭୋଟର ସାମିଲ ହେବେ । ନକଲି, ପରଲୋକଗତ ଏବଂ ଅଯୋଗ୍ୟଙ୍କୁ ବାଦ୍ ଦେଇ ଏକ ସ୍ୱଚ୍ଛ ତଥା ସଠିକ୍ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତ କରିବା ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ । ଆଜିଠାରୁ ଘରକୁ ଘର ବୁଲି ବୁଥ୍ ସ୍ତରୀୟ ଅଧିକାରୀ ତଥ୍ୟ ସଂଗ୍ରହ କରିବେ । ଏଥିପାଇଁ ୪୫ ହଜାରରୁ ଅଧିକ ବୁଥ୍ସ୍ତରୀୟ ଅଧିକାରୀ ନିୟୋଜିତ ହୋଇଛନ୍ତି।

ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ଏବଂ ଏ ସଂକ୍ରାନ୍ତ ଫର୍ମ ପୂରଣ କରିବାକୁ ଭାରତୀୟ ନିର୍ବାଚନ କମିଶନ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ବୁଥ୍ ସ୍ତରୀୟ ଅଧିକାରୀଙ୍କ ଗସ୍ତ ସମୟରେ ଘରେ ଅନୁପସ୍ଥିତ ଥିବା ଭୋଟର ନିର୍ଦ୍ଧାରିତ ମତଦାନ କେନ୍ଦ୍ରକୁ ଯାଇ ଫର୍ମ ଦାଖଲ କରିପାରିବେ । ସେଠାରେ ବୁଥ୍ ସ୍ତରୀୟ ଅଧିକାରୀ ପ୍ରତ୍ୟେକ ଦିନ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଉପସ୍ଥିତ ରହିବେ ବୋଲି କୁହାଯାଇଛି । ଗ୍ରୀଷ୍ମ ପରିସ୍ଥିତିକୁ ଦୃଷ୍ଟିରେ ରଖି ମଧ୍ୟାହ୍ନ ୧୨ଟାରୁ ୩ଟା ପର୍ଯ୍ୟନ୍ତ  କ୍ଷେତ୍ରୀୟ ପରିଦର୍ଶନ ନ କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀ ବିଏଲ୍ଓଙ୍କୁ ପରାମର୍ଶ ଦେଇଛନ୍ତି ।

ଆସନ୍ତା ଜୁଲାଇ ମାସ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଏହା ଉପରେ ଆପତ୍ତି ଅଭିଯୋଗ ପାଇଁ ଏକମାସର ସମୟସୀମା ଧାର୍ଯ୍ୟ କରାଯାଇଛି । ସେପ୍ଟେମ୍ବର ମାସ ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି ।

## ଅନୀଲ ଚୌହାନ-ରିଟାୟାର୍ଡ

ପ୍ରତିରକ୍ଷା ମୁଖ୍ୟ- ସିଡିଏସ୍ ଜେନେରାଲ୍ ଅନୀଲ ଚୌହାନ ଅବସର ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀଠାରେ ତାଙ୍କୁ ଆଜି ୩ ସେନା ମୁଖ୍ୟଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ଜେନେରାଲ୍ ଚୌହାନ କହିଛନ୍ତି, ୩ ସେନାର ଗାର୍ଡ ଅଫ୍ ଅନର ସହ ଅବସର ଗ୍ରହଣ କରିବା ଜୀବନର ଏକ ବଡ଼ ସମ୍ମାନର ବିଷୟ । ଚାରିଦଶନ୍ଧିରୁ ଅଧିକ ସମୟ ଧରି ସେବା ପ୍ରଦାନ କରିଥିବା ଜେନେରାଲ ଚୌହାନ ତାଙ୍କର କାର୍ଯ୍ୟକାଳ ଏବଂ ବିଭିନ୍ନ ଅନୁଭୂତି ନେଇ ସ୍ମୃତିଚାରଣ କରିଥିଲେ । ୧୯୮୧ ମସିହାରେ ଭାରତୀୟ ସେନାରେ କମିଶନଡ୍ ଅଧିକାରୀ ଭାବେ ସେ ଯୋଗଦେଇଥିଲେ ।

## ବିହାର-ଡେଥ୍

ବିହାରରେ ବଜ୍ରପାତ ଏବଂ ଝଡ଼ବର୍ଷା ଯୋଗୁଁ ପୃଥକ୍ ପୃଥକ୍ ସ୍ଥାନରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଗୟାରେ ୩ ଜଣ, ଔରଙ୍ଗାବାଦରେ ୨, ଶରଣ ଏବଂ ଖଗାରିଆରେ ଜଣେ ଲେଖାଏଁ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏଥିପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ

ନିକଟ ସଂପର୍କୀୟଙ୍କ ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

---

## ୱିମେନ୍ କ୍ରିକେଟ୍

ଭାରତ -ଇଂଲଣ୍ଡ ମଧ୍ୟରେ ଚାଲିଥିବା ୩ଟିକିଆ ମହିଳା ଟି-୨୦ କ୍ରିକେଟ୍ ପ୍ରତିଯୋଗିତାର ଦ୍ୱିତୀୟ ମ୍ୟାଚ୍ ଆଜି ବ୍ରିଷ୍ଟଲଠାରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଚେମ୍‌ସଫୋର୍ଡଠାରେ ଗତ ଗୁରୁବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭରତ ୩୮ ରନ୍‌ରେ ବିଜୟ ହାସଲ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଇଂଲଣ୍ଡରେ ଆସନ୍ତାମାସ ୧୨ ତାରିଖରେ ଆରମ୍ଭ ହେବାକୁ ଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ପୂର୍ବରୁ ଏହା ଏକ ଅଭ୍ୟାସମୂଳକ ସିରିଜ୍ ଭାବେ ଖେଳାଯାଉଛି ।

---

## ଆଇପିଏଲ୍-କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ର ଚଳିତ ସଂସ୍କରଣର ଟାଇଟଲ୍ ହାସଲ ପାଇଁ ଆସନ୍ତାକାଲି ଗୁଜୁରାଟ ଟାଇଟନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସଂଧ୍ୟା ସାଢ଼େ ୭ଟାରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

ଗତକାଲି ନୂଆ-ଚଣ୍ଡିଗଡରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟାରରେ ଗୁଜୁରାଟ ଟାଇଟନ୍ସ, ରାଜସ୍ଥାନ ରୟାଲ୍ସକୁ ୭ୱିକେଟ୍‌ରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

---

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗ, ପଶ୍ଚିମ ଉତ୍ତରପ୍ରଦେଶ, ବିହାର, ଓଡ଼ିଶା, ତାମିଲନାଡୁ, ପୁଡୁଚେରୀ, କରେଇକାଲ୍, ଆଣ୍ଡାମାନ ଓ ନିକୋବର ଦ୍ୱିପପୁଞ୍ଜରେ ଆଜି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି । ହରିଆଣା, ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ, ବିଦର୍ଭ ଏବଂ ଛତିଶଗଡ଼ର କେତେକ ଅଞ୍ଚଳରେ କୁଆପଥର ବର୍ଷା ସହିତ ଝଡ଼ ପବନ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।